# ( ପ୍ରଥମ ଅଙ୍କର ଗୀତ )

ଥିର ଥିର ମୋ' ପଛେ ଛପି ଛପି ଆସୁ ଥା'
ବାଘ ଛକି ବସିଚ, ଛେଳି ନବ ଦୁଇଟା । ୦ ।
କଂସା କବାଟ କିଳାରେ ବାଡ଼ ଭିତରେ ଦେଖ
କାରସାଜି ଖଟିବନି ହଟିଯିବୁ ତୁ ପର
ବାଘ ମାମୁଁ ରେ ବାଘୁମାମୁଁ, ଯା' ଯା' ରେ ଯା' ଘଳା । ୧ ।
ହଂସା ଭୁଞ୍ଜା ଉଡ଼ିବ ରେ ଭେଳକି ଯେତେ ଲଗା
ଲାଞ୍ଜ ପିଟି ଝାମ୍ପ ମାରି ନଷ୍ଟେ ପାଇବୁ ଦଗା
ବାଘ ମାମୁଁ ରେ··· ··· ··· ··· । ୨ ।
ନଶ ଫୁଲ୍ଲ ପାଟି ମେଲ୍ଲ ଯେତେହେଲେ ତୁ ଡ଼ର
ଲହୁ ଲୁହାଣ ହବୁରେ ଫାଗ ଝାମ୍ପିବ ପର
ବାଘ ମାମୁଁ ରେ··· ··· ··· ··· ··· । ୩ ।
ମିଁ ମିଁ କା ମାଣିକ ରଜା ଶିଙ୍ଘ ଦୁଇଟା ଗୋଜା
ଭୁଷିବ କଷି ପେଟକୁ ଚିର ବାହାର ଯିବ ମଜା
ବାଘ ମାମୁଁ ରେ··· ··· ··· ··· ··· । ୪ ।

( ଗୀତ ଓ ନୃତ୍ୟର ଚରିତ୍ର—କେତୋଟି ଛେଳି ଓ ବାଘ ),

ବଇ—ଏଇ ଟେଲଫୋନରେ ଡାକୁଥିଲେ ପରା—

ଅଶୋକ—ଆଉ ତମେ ଫୋନ ରଖି ଦେଇ ତାଙ୍କୁ ହାତ ଯୋଡ଼ି ଜୁହାର କରୁଛ ? ହଶ—ବୋଲ !! ଶୁଣୁଛ ଲୋ ମୀରା ଅପା···(ସମସ୍ତେ ହସିଉଠିଲେ)

ବଇ—ଉଃ, ତୁ ତୁଆଟା କଣ ଜାଣିଛୁ । ଏତେ ବଡ଼ ଲୋକ—ହାତ ଯୋଡ଼ି ଜୁହାର କରିବ ନ ? (ପୁଣି ଫୋନ୍ ଉଠାଇ) ଆଜ୍ଞା !! ଏଁ···ନମ୍ବର ? କ ନମ୍ବର ଆଜ୍ଞା ? —ତମେ କଏ ମା ।

ଅଶୋକ—ଶୁଣ୍ ଲୋ ମୀରା ଅପା, ଜେଜେ କହୁଛନ୍ତି "ମା" ।

(ପୁଣି ହସ)

ବଇ—ଉଃ ! ତମେ ତୁଆଗୁଡ଼ାକ କାହିଁକି ଏମିତି ହେଉଛ ? କଣ୍ଠ କଟେଇ ଦବନ ପରା !! (ଫୋନ୍‌ରେ କହିଲେ) ମୁଁ ଚୌଧୁରୀଙ୍କୁ ଡାକୁଛି ମା । ଛାଡ଼ି ଦେଲେଣି ? କଣ ଛାଡ଼ି ଦେଲେଣି ? କଣ ? ଫୋନ ଛାଡ଼ି ଦେଲେଣି ? (ଫୋନ ରଖି ଦେଇ) ଅଭଦ୍ର ।

ଅଶୋକ—ଜେଜେ, କଏ ଅଭଦ୍ର ?

ବଇ—ମୁଁ ଏତେ ଖାତିର୍‌ରେ ଜୁହାର କରୁଛି—ତମେ ଛାଡ଼ି ଦେଇ ଚାଲିଗଲ !

ଅଶୋକ—ସେ କଣ କହୁଥିଲେ କି ଜେଜେ ?

ବଇ—ଗ୍ଲେପାଟା କହୁଥିଲେ । ଛାଡ଼ି ତ ଦେଲେ, ଆଉ କହିଲେ କଣ ?

ଅଶୋକ—ତମେ ଚିଡ଼ୁଚ କାହିଁକି ଜେଜେ ? ମୁଁ ତାଙ୍କ ନମ୍ବର ଜାଣେ । ମୁଁ ବୁଝି ଦଉଚି । (ଫୋନ୍ ଉଠାଇ) ଥ୍ରି—ଓ୍ୱାନ୍—ଫାଇବ୍—ମୁଁ ଅଶୋକ କହୁଛି···ଆସିବେ ନାଇଁ ? ଅଜ ମୋ ଜନ୍ମ ଦନ—ଆପଣ ଆସିବେ ନାହିଁ···? କାହିଁକି ? ···ହଉ ମୁଁ ବାପାଙ୍କୁ କହି ଦେବ । କଏ ? ବଇ ଜେଜେ ? ଏଇଠି ଅଛନ୍ତି । (ବଇକୁ) ଜେଜେ, ତୁମକୁ ଡାକୁଛନ୍ତି ଆସ ।

ବଇ—ନାଇଁ, ନାଇଁ, ତାଙ୍କୁ ମନା କରଦେ—ଆମର ଦର୍କାର ନାହିଁ ।

ଅଶୋକ—ଜେଜେ ଡରୁଛନ୍ତି···ଆସୁ ନାହାନ୍ତି । ନମସ୍କାର । (ଫୋନ୍ ରଖି) ଦେଖିଲ ଜେଜେ, ମୁଁ କେମିତି ଫୋନ୍ କଲି ?

ବଇ—ଓ, ଏଇ ସବୁ କାମରେ ବାହାଦୁରୀ ।

ଅଶୋକ—ତେମେ ଖାଇ ସାରିଲଣି ଜେଜେ ?

ବଇ—ହଁ ।

ଅଶୋକ—ସିଗ୍ରେଟ ଟାଣିବ ?

ବଇ—ନା ।

ଅଶୋକ—ଆଉ କଣ କରିବ ? ମାଳି ଗଡ଼େଇବ ?

ବଇ—ମାଳି ଗଡ଼େଇବ ? କି ମାଳି ?

ଅଶୋକ—ଆମ ଅନାଦ୍ଧ ଯେମିତି ମାଳି ଗଡ଼ାଏ ମ !

ବଇ—ଯା କଣ୍ଟଟୁରେ ବାପା ! ଏଠି ଖାଲି ଏମିତି ବସିବା ଅପେକ୍ଷା ମାଳି ଗଡ଼େଇବା ଭଲ ।

ଅଶୋକ—ସତରେ ଜେଜେ ତମେ ମାଳି ଗଡ଼େଇବ ? ମାଳି ଅଛି ।

ବଇ—ତୁ ଟା କେଉଁଠେ ବାହାପିଆଟାରେ ।

ଅଶୋକ—ବାହାପିଆ ନା ଆଉ କଣ ? ଏଇ ନିଅ ।

[ ପକେଟରୁ ଗୋଟାଏ ଝୁଲା ବାହାର କରି ଦେଲା ]

ବଇ—ବାବ୍ବା ! ହଇରେ ତୋ ପକେଟରେ ଝୁଲା ମାଳି ?

ଅଶୋକ—ଆମ ସ୍କୁଲକୁ ଜଣେ ବାବାଜି ଆସିଥିଲେ ଯେ, ଏ ମାଳି ସେ ମତେ ଦେଇ ଯାଇଛନ୍ତି—କହିଛନ୍ତି—ମାଳି ଗଡ଼େଇଲେ ଭଲ ପାଠ ହବ । ତେମେ ମାଳି ଗଡ଼ାଉ-ଥାଅ—ଜେଜେ···ଆମେ ଯାଉଛୁ ।

[ ସେମାନେ ଉପରକୁ ଚାଲିଗଲେ ]

ବଇ—ବାହାପିଆ···ମତେ ପୁଣି ପାଠ ପଢ଼ାଉଚ ।

[ ଝୁଲରୁ ମାଳାଟି ବାହାର କରି ପରୀକ୍ଷାସୂଚକ ଭାବେ ଦେଖି ଦେଖି ସତକୁ ସତ ଗଡ଼େଇବାରେ ଲାଗିଲେ । ଭିତରୁ ଅନାଦ୍ଧ ଆସିଲା । ଅନାଦ୍ଧକୁ ଆସିବାର ଦେଖି ବଇ ମାଳା ସହ ଝୁଲାଟିକୁ ନିଜ ପକେଟରେ ଲୁଚାଇ ଦେଲେ ]

ବଇ—ଖିଆପିଆ ଅଡୁଆ ଛୁଟିଲଣି ଅନାଦ୍ଧ ?

ଅନାଦ୍ଧ—କୋଉଠି ଛୁଟିଲଣି ଆଜ୍ଞା ! ( ଏଣେ ତେଣେ କଣ ଖୋଜୁଥାଏ )

୨୭।

ବଇ—କଣ ଖୋଜୁଚୁ କରେ ?

ଅନାଦ୍ଧ—ଗୋଟାଏ ଚିଜ ଆଜ୍ଞା ।

ବଇ—କି ଚିଜ ?

ଅନାଦ୍ଧ—ଝୁଲା ମାଳ ।

ବଇ—ଝୁଲା ମାଳ ? କାହାର ? ତୋର ?

ଅନାଦ୍ଧ—ହଁ ଆଜ୍ଞା ! ତେମେ ତ ଜାଣିଥିବ ବଇବାବୁ । ମାଳା ନ ଗଡ଼େଇଲେ ମୁଁ ପାଣି ଛୁଏଁ ନାଇଁ ।

ବଇ—ବୁଝିଲି । ···ସେଇଠୁ ?

ଅନାଦ୍ଧ—ବାବାଜି ମହାପ୍ରଭୁଙ୍କଠୁ ନାମ ନେଇଚି । ନଇଷ ସଂଜରେ ମାଳା ନ ଗଡ଼େଇଲେ ଅନ୍ନ ଜଳ ଛୁଇଁବି ନାଇଁ ।

ବଇ—ଏଠି ଆସି ଖୋଜୁଚୁ କଣ ?

ଅନାଦ୍ଧ—ଆଜି ତ ବାର ଲୋକଙ୍କ ଯିବା ଆସିବା, କାଳେ କୋଉଠି ଆଣି କଏ ପକେଇ ଦେଇଥିବ ।

ବଇ—ଏ ଘରକୁ କେହି ଆଣିବେ ନାଇଁ, ତେଣେ ଯାଇ ଦେଖ ।

ଅନାଦ୍ଧ—ମୋର ତେଣେ ବୁଲିଆ କାମ । କାମ କରିକି ନା ବାରଆଡ଼େ ଖୋଜି ହଉଥିବି···( ଯାଉ ଯାଉ ଫେର )

ତେମେ ଯୋଉ ବଖୁରୀଟିରେ ଖାଇ ବସି ନ ଥିଲ ବଇବାବୁ ସେଇ ଘରେ ଥିଲେ···ଟିକ୍ ଚମର ମୁଣ୍ଡ ଉପରକୁ ଝଙ୍ଗା ହୋଇଥିଲା । ତେମେ ଦେଖି ନ ?

ବଇ—କି କଥା ତୁ କହୁଚୁରେ ? ମୁଁ କାହିଁକି ତୋ ଝୁଲ ମାଳ ଦେଖିବି ?

ଅନାଦ୍ଦ—କାଲେ ଆଖି ପଡ଼ି ଯାଇଥିବ ବୋଲି କହୁଥିଲି ।

ବଇ—ମୁଁ ତୋ ଝୁଲ ଫୁଲ କିଛି ଦେଖିନି । ତେଣେ ଯାଇ ଦେଖ୍ । କୋଉଠି ଥିବ ।

[ ଅନାଦ୍ଦ ଚାଲି ଯାଉଥିଲା ବେଳେ ଅଶୋକ ସିଡ଼ି ଉପର ଦରଜାରେ ଆସି ଠିଆ ହେଲା ]

ଅଶୋକ—ଜେଜେ, ବୋଉ କହିଲା ତେମେ ଚାଲିଯିବ ନାଇଁ, ରହିବ---କାମ ଅଛି ।

[ ଅନାଦ୍ଦ ଫେରିଲା ]

ଅନାଦ୍ଦ—ଲୁନବାବୁ !

ଅଶୋକ— କଣ ?

ଅନାଦ୍ଦ—ମୋ ଝୁଲ ମାଳଟି ଦେଖିଚ ?

ଅଶୋକ—ହଁ ।

ଅନାଦ୍ଦ—କାଇଁ ? କୋଉଠି ଅଛି ?

ଅଶୋକ—କହିବି ଜେଜେ ?

ବଇ—କଣ କହିବୁ ?

ଅଶୋକ—ତେମେ ରଖିନ ?

ବଇ—ବାହାପିଆ –

ଅଶୋକ—ଜେଜେଙ୍କୁ ପଚାରେ ଅନାଦ୍ଦ···ସେଇ ବସି ମାଳା ଗଡ଼ଉଥିଲେ ( ଚାଲିଗଲା ) ।

ଅନାଦ—ଏଇଟା କଣ ଭଲ ହେଲା ବଡ଼ବାବୁ ?

ବଡ଼—କଣ ଭଲ ହେଲା ?

ଅନାଦ—ମୋ ମନ୍ତ୍ରଗ୍ର ମାଳ ତମେ ଆଣି ଗଡ଼ଉଚ ?

ବଡ଼—ତୁ ଦେଖିଚୁ ମୁଁ ଆଣିଚି ?

ଅନାଦ—କୁନ ବାବୁ ପର କହିଲେ—

ବଡ଼—ସେଇଟା ନପଠ ବାହାପିଆଟାଏ···ସେ ଆଣି ମତେ ଦେଇଚି—

ଅନାଦ—ସିଏ କାଇଁକି ଆଣନ୍ତେ—ତମେ ସେ ଘରେ ଖାଇ ବସିଥିଲ—

ବଡ଼—ଅନାଦ !

ଅନାଦ—ପାଟି ତୁଣ୍ଡରୁ କଣ ମିଳିବ ? ମୋ ପଦାର୍ଥ ମତେ ଦେଇ ଦିଅ—

ବଡ଼—ହଉ ନେ···ତୋ ପଦାର୍ଥ ନେ ।

[ ଠିକ୍ ଏତକ ବେଳେ ବାହାରୁ ଅଭୟ, ଡାକ୍ତର ଓ ଉପରୁ ପ୍ରକାଶ ଆସିଲେ । ପ୍ରକାଶ—ସୁଦର୍ଶନ ପୁରୁଷ । ବୟସ ୩୨ ରୁ ୩୩ । ମୁହଁରେ ଶିକ୍ଷା ଓ ସଂସ୍କୃତିର ଛାପ ସୁସ୍ପଷ୍ଟ । ଡାକ୍ତର ଓ ଅଭୟ ପ୍ରକାଶର ସମବୟସୀ ବନ୍ଧୁ ]

ଅଭୟ—ନମସ୍କାର ବଡ଼ ମାମୁଁ । ଏ କଣ ଅନାଦ ? ତୋ ଜପାମାଳ କଣ ବଡ଼ ମାମୁଁଙ୍କ ପକେଟରୁ ବାହାରିଲାଣି ?

ବଡ଼—ସେ ମୋ ଦୁର୍ଭାଗ୍ୟ ।

ଅଭୟ—କାହିଁକି ? କଣ ହେଲା ?

ବଡ଼—ପିଲା ବୋଲି ସ୍ନେହ କଲେ, ତାର ପୁଣି ଏତକ ଗୁଣ ?

ପ୍ରକାଶ—କିଏ ବଡ଼ ମାମୁଁ ? ଅଶୋକ ?

ବଇ—ଆଉ କଏ ? କେଡ଼େ ଭଲ ପିଲାଟି ଘର ଆସି କହୁଚ—
ଜେଜେ ମାଳ ଗଡ଼େଇବ ?

ପ୍ରକାଶ—(ହସିହସି) ସେ ତେବେ ଅଶୋକର କାଣ୍ଡ ?

ବଇ—ତମ ଗୁଳକର ପାଖରେ ପଛେ ମୁଁ ଏଣେ ଟେଲର ଚଳେ ଚଳେ ଗଲଣି । ତମେ ପୁଣି ହସୁଚ ?

ଅନାଦ୍ଧ—କୁନବାବୁ ତମକୁ ଝୁଲଟା ଆଣି ଦେଇଛନ୍ତି ବୋଲି ତ ମୂଳରୁ କହିଥିଲେ ପାଠ ଛୁଟି ଯାଇଥାନ୍ତା ।

ବଇ—ତୁ ଆଉ ବକ୍ ବକ୍ ହନା···ଯା··· (ଅନାଦ୍ଧ ଚାଲିଗଲା)

ଅଭୟ—ବଇ ମାମୁଁଙ୍କୁ ବୋଧହୁଏ ଜାଣନ୍ତି ନାହିଁ ଡାକ୍ତରବାବୁ । ବଇ ମାମୁଁ ହେଉଛନ୍ତି ମାୟାଦେବୀଙ୍କ ସୂର୍ଯ୍ୟ ମାମୁଁ । ଗାଁରେ ଥାନ୍ତି । ବେଳେ ବେଳେ କଟକ ଆସନ୍ତି । ଅଶୋକ କାହିଁଗଲା ପ୍ରକାଶ ?

ପ୍ରକାଶ—ଉପରେ ଅଛି ।

ଡାକ୍ତର—ସବୁ ପିଲା ଆସିଛନ୍ତି ତ ?

ପ୍ରକାଶ—ହଁ ତମେମାନେ ବସ । ମୁଁ ସେମାନଙ୍କୁ ଦେଖେ କେତେଦୂର ଗଲା ।

ଅଭୟ—ଯିବା ଦରକାର ନାହିଁ । ନାଁ-ବାଳକ ପିଲାମାନେ ଯେଉଁ କାମରେ ହାତ ଦେଇଛନ୍ତି, ସେ କାମ ଉପରେ ଏତେ ତଦା-ରଖ କରିବା ଉଚିତ ନୁହେଁ ।

ପ୍ରକାଶ—ଏଣେ କିନ୍ତୁ ଡେରି ହୋଇ ଯାଉଛି ଯେ···

ଡାକ୍ତର—(ବଇ ମାମୁଁଙ୍କୁ) ଆପଣ ସେ କାଠ ଚୌକିଟାରେ ବସିଛନ୍ତି କାହିଁକି ? ଅସୁବିଧା ହେଉଥିବ, କାଉଚ୍‌କୁ ଉଠି ଆସନ୍ତୁ ।

ବଇ—ନା, ମୁଁ ଜାଣିଶୁଣି ଏ ଚୌକିଟାରେ ବସିଛି ।

ଅନାଦ—ହଁ, କେଉଁପରି ପିଲା ।

ଅଶୋକ—ସର୍ଦ୍ଦି ଛାଡ଼ିଗଲା ?

ଅନାଦ— ବବାକ । ଧୂଆଁ ବାଜିଲେ ଆଉ ସର୍ଦ୍ଦି ରହିବ ?

ଅଶୋକ—ତୁ ଏ କେଟ୍‌ଟା ନେଇ ବାହାରେ ବସ । ଗାଡ଼ି ଆସିଲେ ମୋତେ ଡାକିବୁ ।

ଅନାଦ—ହଉ । (ଅନାଦ ବ୍ୟାଗ୍ ନେଇ ବାହାରକୁ ଗଲା । ଅଶୋକ ଏଣିକି ତେଣିକି ଚାହିଁ, ତ୍ରଙ୍କ ଭିତରୁ ଗୋଟାଏ ସିଗ୍ରେଟ୍ ଟିଣ ଆଣି ସିଗ୍ରେଟ୍ ଖଣ୍ଡେ ଧରେଇଲା । ଉପରୁ ଆସିଲା ବିକାଶ)

ବିକାଶ—ଅଶୋକ—

ଅଶୋକ — ଆଜ୍ଞା ।

ବିକାଶ—ଏ କଣ ? ସିଗାରେଟ୍ ଖିଆ ହେଉଛି । ସିଗାରେଟ କେଉଁଠୁ ଆଣିଲୁ ?

ଅଶୋକ—ଏଇ ତ୍ରଙ୍କୁ ।

ବିକାଶ—ପିଲାମାନେ କଅଣ ସିଗାରେଟ୍ ଖାଆନ୍ତି ?

ଅଶୋକ—ମତେ ସର୍ଦ୍ଦି ହୋଇଛି ।

ବିକାଶ—କିନ୍ତୁ ସିଗାରେଟ୍ ଖିଆ ହେଉଛି କାହିଁକି ?

ଅଶୋକ—ସର୍ଦ୍ଦି ଛାଡ଼ିଯିବ ।

ବିକାଶ—କଣ ? ସିଗାରେଟ ଖାଇଲେ ସର୍ଦ୍ଦି ଛାଡ଼ିଯିବ ?

ଅଶୋକ—ବବାକ୍ । ଧୂଆଁ ବାଜିଲେ ଆଉ ସର୍ଦ୍ଦି ରହିବ ନାହିଁ ।

ବିକାଶ—(ଜୋରରେ ହସି) ଆଚ୍ଛା, ଆଚ୍ଛା, ଖୁବ୍ ଧୂଆଁ ବାଜିଲାଣି, ସର୍ଦ୍ଦି ବବାକ ଛାଡ଼ି ଯିବଣି । ସିଗାରେଟ ଫୋପାଡ଼ି ଦେ । ( ଅଶୋକ ସିଗାରେଟ ଫୋପାଡ଼ି ଦେଲା ) ତୋ ବୋଉ ତ ନିଦରୁ ଉଠିନି । ମୁଁ ବି ଉଠି ନ ଥିଲି, ତୁ ଏତେ ସକାଳୁ ଉଠି ଚାଲି ଆସିଲୁ କାହିଁକି ?

ମାୟା — ଏଇଆ ? ଯାହା ଘରେ ମାସକୁ ସିଗ୍ରେଟ୍ ଖର୍ଚ୍ଚ ଷାଠିଏ ଟଙ୍କା, ତା ପୁଅ ସିଗ୍ରେଟ୍ ଟାଣିବାରେ ଦୋଷ କେଉଁଠି ରହିଲା ? [ ଫୋନ୍ ପାଖକୁ ଉଠିଗଲା ]

ବିକାଶ—ତା ସିଗ୍ରେଟ୍ ଟାଣିବାରେ ଯୁକ୍ତି କଣ ଜାଣୁ ଅଭୟ ?

ଅଭୟ—ଏଇ···ମାୟାଦେବୀ ଯାହା କହିଗଲେ ସେମିତି କିଛି ଗୋଟାଏ ଯୁକ୍ତି ଥିବ ।

ମାୟା ଫୋନ୍‌ରେ କଥାବାର୍ତ୍ତା କରିବାକୁ ଆରମ୍ଭ କଲାଣି ]

ବିକାଶ—ତା ଯୁକ୍ତି ଶୁଣି ହସି ହସି ମୁଁ ଗଡ଼ିଗଲି । ତାକୁ କୁଆଡ଼େ ସର୍ଦ୍ଦି ହେଇଚି । ସେଥିପାଇଁ ସେ ସିଗ୍ରେଟ୍ ଟାଣୁଥିଲା । ସିଗ୍ରେଟ ଧୂଆଁ ବାଜିଲେ ସର୍ଦ୍ଦି ବିବାକ୍ ଛାଡ଼ିଯିବ ।

ମାୟା—କାହାକୁ ସର୍ଦ୍ଦି ହେଇଚି ?

ଅଭୟ—ଅଶୋକକୁ ।

[ ମାୟା ସଙ୍ଗେ ସଙ୍ଗେ ରିସିଭରଟା ରଖି ଦେଇ ଏମାନଙ୍କ ପାଖକୁ ଚାଲି ଆସିଲା ]

ମାୟା—ଅଶୋକକୁ ସର୍ଦ୍ଦି ହେଇଚି ? [ ବଡ଼ ପାଟିରେ ଡାକିଲା ] ଅଶୋକ--ଅଶୋକ ।

ବିକାଶ — ଅଶୋକ କାହିଁ ? ସେ ତ ସ୍କୁଲକୁ ଗଲାଣି ।

ମାୟା —ସ୍କୁଲକୁ ଗଲାଣି ?

ବିକାଶ—ହଁ, ଆଜି ଶନିବାର—ତା'ର ମର୍ନିଂସ୍କୁଲ ।

ମାୟା—କହୁଚ ତାକୁ ସର୍ଦ୍ଦି ହେଇଚି--ତାକୁ ସ୍କୁଲକୁ ପଠାଇ ଦେଲ କେମିତି ?

ବିକାଶ—ଆଚ୍ଛା କଥା ! ମୁଁ ତ ଦେଖିଲି ବେଳକୁ ସେ ସ୍କୁଲକୁ ଯିବ ବୋଲି ଏକାବେଳକେ ରେଡ଼ି ହୋଇ ରହିଚି । ତା ଛଡ଼ା ସେ ତ ସ୍ୱତମତ ବକ୍‌ସିଂରେ ମତେ ହରାଇ ଦେଇ ଚାଲିଗଲା ।

ବିକାଶ— ସେଇ କଥା କହୁଚି । ମାୟାର ଅପରେସନ୍ ହୋଇଗଲା— ପାଖରେ ତାର ଶୋଇଚି ଦୁଇ ଦିନର ପୁଅ— ଅଶୋକ । ତାର ମୁହଁକୁ ଚାହିଁ ମାୟା ଭାବୁଥାଏ— ତାର ଜୀବନ ଯେମିତି ଗଢ଼ା ହୋଇଥିଲା କେବଳ ଏଇ ଅଶୋକର ମା' ହେବାପାଇଁ । ଅଶୋକ ସମ୍ରାଟ ହେଉ କି ସନ୍ନ୍ୟାସୀ ହେଉ, ସେ ଚୋର, ଡକାଏତ, ସୈତାନ ହଉ ବା ସାଧୁ, ସରଳ, ବିଦ୍ୱାନ ହଉ, ଏକା ସେଇ ତାକୁ ଚିରଦିନ ମା'ର ଆସନରେ ବସାଇବ··· । ସେଇଥି ପାଇଁ ସେଇ ମୁହୂର୍ତ୍ତରେ ସେ ନିଷ୍ପତ୍ତି କରି ନେଲା ଯେ ତା ଆଖିରେ ସ୍ୱୟଂ ଭଗବାନ ହୁଏତ ଭୁଲ୍ କରି ପାରନ୍ତି କିନ୍ତୁ ଅଶୋକ ଭୁଲ କରି ପାରିବ ନାହିଁ । ତ'ପରେ ଏଇ ଦୀର୍ଘ ସାତ ବର୍ଷ ବିତି ଯାଇଚି— ଗୋଟାଏ ସ୍ନେହ-ଅନ୍ଧ ନାରୀ ମା'ର ଭୁଲ ଭାଙ୍ଗିବା ଭଳି ସବଳ ମୁଁ ହୋଇ ପାରିନି । ବରଂ ମୁଁ ନିଜେ ଦୁର୍ବଳ ହୋଇ ପଡ଼ିଚି··· ।

ଡାକ୍ତର— କିନ୍ତୁ ଆଜି ଏ ଅବସ୍ଥାରେ···ଆପଣ ତ ଦୁର୍ବଳ ହେଲେ ଚଳିବ ନାହିଁ ବିକାଶବାବୁ · ।

ବିକାଶ— କିନ୍ତୁ ମୁଁ କରିବି କଣ ? ମାୟା ଯଦି ଭାବୁଥାଏ ଆପଣଙ୍କ କଥାରେ ରାଜି ହେଲେ, ତା ପୁଅର ମଙ୍ଗଳ ନ ହୋଇ ଅମଙ୍ଗଳ ହେବ, ମୁଁ ତାକୁ କଣ କହି ବୁଝାଇବି ?

ଡାକ୍ତର— ମୁଁ ଡାକ୍ତର । ସେଥି ପାଇଁ ଆଜି ଅଶୋକର ଏ ଅବସ୍ଥାରେ ମୁଁ ତାକୁ ଛାଡ଼ିଦେଇ ଚାଲିଗଲେ ମୁଁ ନିଜେ ନିଜ ପାଖରେ ଅପରାଧୀ ହୋଇ ପଡ଼ିବି । ଆପଣ ପୁଣି ତାଙ୍କୁ ଡାକନ୍ତୁ ।

ବିକାଶ— କିନ୍ତୁ ତା ମନର ଅବସ୍ଥା ବର୍ତ୍ତମାନ ଯାହା, ଆଉ ସେ ଯେମିତି ଜିଦ୍‌ଖୋର···

ଅଭୟ—ଆଜି କୁଆଡ଼େ ଯିବ ? ମୁଁ ଏଇଠି ଅପେକ୍ଷା କରୁଚି । ତୁ···ଯା ।

ବିକାଶ—ତୁ ତ କିଛି ଖାଇନୁ ?

ଅଭୟ—ତମେ ସବୁ ଖାଇଚ ?

ବିକାଶ—ମାମୁ ତ ଆଜି ଦିନ ସାରା ବୋଧହୁଏ କିଛି ଖାଇନି ।

ଅଭୟ—ତୁ ମଧ୍ୟ ଖାଇ ନ ଥିବୁ ? ଏ ଅବସ୍ଥାରେ ମୋ ଖାଇବା କଥା ପଚାରୁଚୁ କାହିଁକି ? ଯା···

[ ଧୀରେ ଧୀରେ ବିକାଶ ଉପରକୁ ଉଠିଲା । ଅଭୟ ତାକୁ ଏକ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଥାଏ । ବିକାଶ ଅଦୃଶ୍ୟ ହୋଇଯିବା ପରେ ଅଭୟ ଆସି କାଉଚ୍ ଉପରେ ବସି ସିଗ୍ରେଟ୍ ଧରାଇଲା । ମଞ୍ଚର ଆଲୋକ ନିଷ୍ପ୍ରଭ ହୋଇ ଆସିଲା—ସେଇ ସଙ୍ଗେ ସଙ୍ଗେ ରାତି ଅନ୍ଧକାରିତ ହୋଇଯିବାର ସଙ୍କେତ-ସୂଚକ ଯନ୍ତ୍ର-ସଙ୍ଗୀତ ଭାସି ଆସିଲା ।···

ସିଗ୍ରେଟ୍ ଶେଷ କରି ଅଭୟ କାଉଚ୍ ଉପରେ ଢୁଳେଇ ପଡ଼ିଚି । ଯନ୍ତ୍ର ସଙ୍ଗୀତ ଚାଲିଥାଏ । ଢଂ ଢଂ ହୋଇ ତିନିଟା ବାଜିବାର ଘଣ୍ଟା ଧ୍ୱନି ଶୁଣାଗଲା । ସେଇ ସ୍ୱଳ୍ପାଲୋକରେ ଦେଖାଗଲା ବିକାଶ ଅଶୋକକୁ କାନ୍ଧରେ ପକେଇ ଓହ୍ଲାଇ ଆସୁଚି ।···ପ୍ରାୟ ନିଃଶବ୍ଦରେ ବିକାଶ ଆସି ଅଭୟ ପାଖରେ ଠିଆ ହେଲା । ଅଭୟ ଚମକି ଉଠି ଠିଆହେଲା । ]

ଅଭୟ—କିଏ ? (ଆଲୋକ ସବୁ ଜଳି ଉଠିଲା)···ବିକାଶ !

ବିକାଶ—ସବୁଦିନ ପାଇଁ ମା ହେଇ ରହିବାର ଗୌରବ ମାମୁଙ୍କୁ ଦେଇ ପାରିବି—କେବଳ ଏଇ ଭରସାରେ ତା' କୋଳରୁ ମୁଁ ଅଶୋକକୁ ଚୋରେଇ ଆଣିଚି ।

[ତା' କଣ୍ଠସ୍ୱରରେ ଅପରାଧର ଭାବ ସୁସ୍ପଷ୍ଟ]

ଦେଖି ସେ ଯେମିତି ଗୋଟାଏ ଜନାସ୍ତ ଖୋଜ ପାଇଚ । ଆପଣ ଯାହା ଉଚିତ ମନେ କରୁଛନ୍ତି—କରନ୍ତୁ ।

ମାଧବ—ମୋ ପାଖକୁ ଖଣ୍ଡେ ଚିଠି ବି ଲେଖା ହେଲାନି ? ଅଭୟ-ବାବୁ କଣ୍ଟରେ ସିନା ଦୟା ହେଲାରୁ···(ଅଭୟ ଆସିଲା )

ଅଭୟ—(ନମସ୍କାର କରି) ବର୍ତ୍ତମାନ ଆସିଲେ ?

ମାଧବ—ହଁ । କିନ୍ତୁ ଏତେ କଥା ତ ତମେ ଚିଠିରେ ଲେଖି ନ ଥିଲ ଅଭୟବାବୁ···?

ଅଭୟ—ମୁଁ ସତ କହୁଚ ମଉସା, କଥା ଏତେଦୂର ଯିବ ବୋଲି ମୁଁ ଆଦୌ ଆଶଙ୍କା କରି ନ ଥିଲି । ନୂଆବୋଉ ଯେ ଆମକୁ ଶତ୍ରୁ ଆଖିରେ ଦେଖିବେ, ଏ କଥା କିଏ ଜାଣିଥିଲା ?

ବଉ—ହଇହେ ଅଭୟ ବାବୁ—

ଅଭୟ—ଆଜ୍ଞା—

ବଉ—ଏ କୁଞ୍ଚ ମୂନରେ ଛୁଞ୍ଚିବା ପଦାର୍ଥ, କୁରାଢ଼ି ଯାଏ ଗଲା କାହିଁକି ?

ଅଭୟ—ତେବେ ବି' ତ ଦେଖୁଚନ୍ତି ଛୁଞ୍ଚୁନି । ବିକାଶ, ଡାକ୍ତର ବାବୁ ଏଠିକି ଆସି ନାହାନ୍ତି ?

ବିକାଶ—ନା'ତ···

ଅଭୟ—ମୁଁ ତେବେ ଭୁଲ୍ ଖବର ପାଇ ବାଟରୁ ଫେରି ଆସିଲି ।

ବଉ—ଅଭୟ ବାବୁ, ତମେ ଟିକିଏ ଚାଲ—ସେ କାହାପିଆଟାକୁ ଆମେ ଥରେ ଯାଇ ଦେଖିଆସୁ ।

ମାଧବ—ତା ଅବସ୍ଥା ବର୍ତ୍ତମାନ ଅଛି କେମିତି ?

ଅଭୟ—ଆଜ ସକାଳୁ ମୁଁ କିଛି ଖବର ପାଇନି । ଆପଣ ଆସନ୍ତୁ, ଯିବା—

ମାୟା—ବାପା !

